## ସଂକ୍ଷେପରେ

### ସରକାରୀ କାର୍ଯ୍ୟାଳୟ ଯିବାରେ କଟକଣା

**ଅନୁଗୋଳ ଅଫିସ,୧୨।୪:** କୋଭିଡ୍ ସଂକ୍ରମଣର ଦ୍ରୁତଗତିକୁ ଦେଖି ସରକାରୀ କାର୍ଯ୍ୟାଳୟ ଯିବା ଉପରେ କଟକଣା ଲଗାଯାଇଛି। ଯଦି ଜରୁରୀ କାର୍ଯ୍ୟ ପାଇଁ କେହି ସରକାରୀ କାର୍ଯ୍ୟାଳୟକୁ ଯାଉଛନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତି କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଜନସାଧାରଣ ଅଭିଯୋଗ ବାକ୍ସ ଓ ୱେବସାଇଟ୍‌ରେ ମଧ ନିଜ ଅଭିଯୋଗ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରିପାରିବେ। ସୋମବାର ଠାରୁ ଏହି କଟକଣା ଜାରି କରାଯାଇଥିବାବେଳେ ଆଗାମୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

### ୩୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୨।୪:** ଅନୁଗୋଳ ଜିଲାରୁ ସୋମବାର ୩୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୭୮୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଡପାଳ ବ୍ଲକରୁ ୧୫ ଜଣ, ଅନୁଗୋଳ ପୌରାଞ୍ଚଳରୁ ୮, କିଶୋରନଗର ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୨, ତାଳଚେର ପୌରାଞ୍ଚଳରୁ ୨, କଣିହାଁ ବ୍ଲକରୁ ଜଣେ, ଅନୁଗୋଳ ବ୍ଲକରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲ୍ଲାରୁ ୩ ଜଣ କରୋନାରୁ ସୁସ୍ଥ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

### ୭୫ ୟୁନିଟ୍ ରକ୍ତ ସଂଗ୍ରହ

**ତାଳଚେର,୧୨।୪(ନି.ପ୍ର.):** ତାଳଚେର ପଞ୍ଚାୟତ ସମିତି ସଭାଘରଠାରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାପ୍ତାହିକ ଖବରକାଗଜ ପକ୍ଷରୁ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ଯୋଗଦେଇ ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ, ପ୍ରଗତି ମହିଳା ମଣ୍ଡଳ ସଭାନେତ୍ରୀ ଡଲି ମିଶ୍ର, ଆଶା କିରଣ ମହିଳା ମଣ୍ଡଳ ସଭାନେତ୍ରୀ ରୀତା ରାଜୁ, ଟିଟିପିଏସ୍ ସାଗରିକା ଲେଡିଜ୍ କ୍ଲବ ଉପ ସଭାନେତ୍ରୀ ସାଧନା ପାଣ୍ଡେ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଶିବିର ପରିଦର୍ଶନ କରିଥିଲେ। ସୌଭାଗ୍ୟ ଚନ୍ଦ୍ର ନାୟକ, ମଦନ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ତାଳଚେର ରକ୍ତଭଣ୍ଡାରର କର୍ମଚାରୀ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ତାଳଚେର ସରକାରୀ ଆଇଟିଆଇର ୫୫ ଜଣ ଛାତ୍ର ରକ୍ତଦାନ କରିଥିଲେ। ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି ଧୀର ମୋହନ ରାୟ, ସରକାରୀ ଆଇଟିଆଇ ପ୍ରିନ୍ସିପାଲ ସ୍ୱରୂପ ସମ୍ପଦ ରଥ, ଶ୍ରମିକ ନେତା ଆନନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ବଳରାମ ପତି, କ୍ଷୀରୋଦ ସାହୁ, ସନାତନ କର, ଦେବ ରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ଶବ ଦାହ ପାଇଁ କୋଇଲା ମିଳୁ

**ତାଳଚେର,୧୨।୪(ନି.ପ୍ର.):** ବ୍ୟାପକ ଶିଳ୍ପାୟନ ଯୋଗୁ ତାଳଚେର ଅଞ୍ଚଳରେ ଜାଳେଣି କାଠର ଅଭାବ ପରିଲକ୍ଷିତ ହେଉଛି। ଏପରି କି ପୂଜାପାର୍ବଣ କାର୍ଯ୍ୟକ୍ରମ ଓ ଶବଦାହ ସମୟରେ ଜାଳେଣି କାଠ ସଂଗ୍ରହ ପାଇଁ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଠାରେ ଥିବା ଅନେକ କୋଇଲା ଖଣିରୁ ଦୈନିକ ହଜାର ହଜାର ଟନ୍ କୋଇଲା ଉତ୍ପାଦନ କରାଯାଉଥିଲେ ମଧ ଏସବୁ କାର୍ଯ୍ୟକ୍ରମ ପାଇଁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ମାନବିକତା ଦୃଷ୍ଟିକୋଣରୁ ଖଣ୍ଡେ କୋଇଲା ଯୋଗାଉ ନାହାନ୍ତି। ଏ ନେଇ ନଗର ବିଜୁ ଜନତା ଦଳ ତରଫରୁ ସୋମବାର ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲୋକଙ୍କ ସମସ୍ୟାକୁ ଅନୁଭବ କରି ଏମ୍‌ସିଏଲ୍‌ର ସମସ୍ତ ଖଣି ମହାପ୍ରବନ୍ଧକଙ୍କୁ କୋଇଲା ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ନଗର ବିଜେଡି ପକ୍ଷରୁ କୁହାଯାଇଛି। ଏହାସହିତ ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ସହ କଥାବାର୍ତ୍ତା କରି ତାଳଚେର ଓ କଣିହାଁଠାରେ ଶବଦାହ ପାଇଁ ଦୁଇଟି ଇଲେକ୍ଟ୍ରିକ୍ ଚୁଲା ବ୍ୟବସ୍ଥା କରିବା ସମ୍ପର୍କରେ ଉପଜିଲାପାଳଙ୍କ ସହ ଆଲୋଚନା ହୋଇଥିଲା। ଦାବିପତ୍ର ପ୍ରଦାନ ବେଳେ ନଗର ବିଜେଡି ସଭାପତି ଆସିଫ ଖାଁ, ଉପସଭାପତି ମାଧବ ଚନ୍ଦ୍ର ମହାରଣା, ନଗର ଯୁବ ସଭାପତି ସୁଧୀର ସିଂ ସାମନ୍ତ, ନଗର ସାଧାରଣ ସମ୍ପାଦକ ବିରଜା ଶଙ୍କର ମିଶ୍ର, ଛାତ୍ର ସଭାପତି ସଫିକ ଖାନ, ଜିଲା ସମ୍ପାଦକ କିଶୋର ମିଶ୍ର, ନଗର ସଭାନେତ୍ରୀ ଶୁଭଶ୍ରୀ ପ୍ରଧାନ, ବିନୟ କୁମାର ଦାସ, ଜଗନ୍ନାଥ ଗଡନାୟକ, ଅନିଲ ସ୍ୱାଇଁ, ରିଆଜ ଖାଁ, ଅବିନାଶ ଦାସ, ବିଶ୍ୱନାଥ ସାହୁ, ଚନ୍ଦନ ସିଂ, ଖୁଲଣା ଭୂଞିଆ, ମୋନାଲିସା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପୂରଣ ହୋଇପାରିନି ଟିକା ଟାର୍ଗେଟ୍

ଅନୁଗୋଳ ଅଫିସ, ୧୨।୪
ଅମିତ କୁମାର ସାମଲ



- ଅନୁଗୋଳ ଜିଲାରେ ଧିମେଇ ଚାଲିଛି ଭାକ୍ସିନେଶନ
- ମାତ୍ର ୬୯ ହଜାର କୋଭିଡ୍ ଯୋଦ୍ଧା ନେଇଛନ୍ତି ଟିକା
- ନିର୍ଦ୍ଧାରିତ ସମୟରେ ସରିଲାନି, ରିପୋର୍ଟ ଦିଆଯାଇନି

ଅନୁଗୋଳ ଜିଲାରେ ଧିମେଇ ଚାଲିଛି କରୋନା ଟିକାକରଣ। କୋଭିଡ୍ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ, ପ୍ରତିଟି ବର୍ଗରେ ଟିକାଦାନ ପଛୁଆ ରହିଛି। ଏପରିକି ଜିଲାକୁ ଦିଆଯାଇଥିବା ସମସ୍ତ କୋଭିଶିଲ୍ଡ ଡୋଜ୍ ଏପ୍ରିଲ୍ ୧୧ ତାରିଖ ସୁଦ୍ଧା ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ୍‌କୁ ମଧ ପୂରଣ କରାଯାଇପାରି ନାହିଁ। ଫଳରେ ଏଯାଏ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ସରକାରଙ୍କୁ ରିପୋର୍ଟ ପଠାଯାଇ ନ ଥିବା ସୂଚନା ମିଳିଛି।

ସରକାରୀ ତଥ୍ୟ ଅନୁଯାୟୀ, ଏପ୍ରିଲ ୧୧ ତାରିଖ ସୁଦ୍ଧା ପ୍ରତି ଜିଲାର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଶିଲ୍ଡ ଟିକା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ମଧ କୁହାଯାଇଥିଲା। କିନ୍ତୁ ଅନୁଗୋଳ ଜିଲାରେ ଗତ ୧୧ ତାରିଖ ସୁଦ୍ଧା ୫ଶହ ଭାଏଲ ଶୀତଳଭଣ୍ଡାରରେ ମହଜୁଦ ରହିଥିଲା। ଏଥିରେ ୫ ହଜାର ଲୋକଙ୍କୁ ଟିକାକରଣ କରାଯାଇପାରିଥାନ୍ତା। ଟିକା ଅଭାବ ଯୋଗୁ ରାଜ୍ୟର କେତେକ ଜିଲାରେ ଟିକାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିବା ବେଳେ ଅନୁଗୋଳ ଜିଲାକୁ ଆସିଥିବା ୧୦ ହଜାର ୩୩୬ ଭାଏଲ୍ ମଧ୍ୟରୁ ୫ଶହ ଭାଏଲ ବଳକା ରହିବା ଟିକାଦାନର ଧୀର ଗତିକୁ ଦର୍ଶାଉଛି। ଏହାଛଡ଼ା ଜିଲାର ୨ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ କରୋନା ଯୋଦ୍ଧାଙ୍କୁ ଟିକା ଦିଆଯିବ ବୋଲି ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ମାତ୍ର ୬୯ ହଜାର ୯୨୪ ଜଣଙ୍କୁ ଟିକା ଲଗାଯାଇଛି। ସେହିପରି ଜିଲାରେ ମୋଟ୍ ୧୩ ଲକ୍ଷ ୪୦ ହଜାର ଲୋକ ଥିବାବେଳେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୧୧ ପ୍ରତିଶତ ଲୋକ ଟିକା ନେବେ ବୋଲି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ହେଲେ ଜିଲାର ମୋଟ ୩୬ଟି କେନ୍ଦ୍ରରେ ଯେପରି ଗତିରେ ଟିକାଦାନ ଚାଲିଛି ତାହା କେବେ ପୂରଣ ହେବ ସେ ନେଇ ମଧ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ କରୋନା ଯୋଦ୍ଧାଙ୍କ ମଧ୍ୟରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୯୮୯୩ ଜଣ, ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୪୨୫, ବଣ୍ଡପାଳରେ ୫୮୭୪, ଛେଣ୍ଡିପଦାରେ ୯୦୧୦, ରାଜ କିଶୋରନଗରରେ ୪୬୩୧, ମାଧପୁରରେ ୭୦୩୩, କଣିହାଁରେ ୧୦,୬୨୧, ଖମାରରେ ୨୯୬୬, ଗୋଡ଼ିବନ୍ଧରେ ୬,୨୦୩, ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୧୩୯୭, ତାଳଚେରରେ ୩୮୭୧, ଆଠମଲ୍ଲିକରେ ୧୯୩୮ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସେହିପରି ଘରୋଇ ହସ୍ପିଟାଲ ସାମଲ କେୟାରରେ ୧୦୫୯ ଜଣ, ଜେଏସ୍‌ପିଏଲ ପ୍ରାଇଭେଟ୍ ଲିମିଟେଡରେ ୨୧୪, ସୁରେନ୍ଦ୍ର ହସ୍ପିଟାଲରେ ୨୪୨, ନାଲ୍‌କୋ ହସ୍ପିଟାଲରେ ୩୧୦, କ୍ରିଷ୍ଣା ହସ୍ପିଟାଲରେ ୨ ଓ କ୍ରିଷ୍ଣା କ୍ଲିନିକରେ ୧୯୦ ଜଣ କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଇଛି। ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୫,୨୨୨, ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୭୧୧, ବଣ୍ଡପାଳରେ ୯୩୧୪, ଛେଣ୍ଡିପଦାରେ ୧୧,୦୧୮, ରାଜ କିଶୋରନଗରରେ ୫୯୧୨, ମାଧପୁରରେ ୯୧୪୯, କଣିହାଁରେ ୧୨,୯୫୧, ଖମାରରେ ୪୪୭୨, ଗୋଡ଼ିବନ୍ଧରେ ୧୦,୩୮୪, ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୧୪୬୩, ତାଳଚେରରେ ୪୧୯୨, ଆଠମଲ୍ଲିକରେ ୨୨୯୫ ଜଣଙ୍କୁ ଟିକା ଲଗାଯାଇଛି। ସାମଲ କେୟାର ହସ୍ପିଟାଲ୍‌ରେ ୧୦୫୯, ଜେଏସ୍‌ପିଏଲ ପ୍ରାଇଭେଟ୍ ଲିମିଟେଡ୍‌ରେ ୨୧୪, ସୁରେନ୍ଦ୍ର ହସ୍ପିଟାଲରେ ୨୪୨, ନାଲ୍‌କୋ ହସ୍ପିଟାଲରେ ୩୧୦, କ୍ରିଷ୍ଣା ହସ୍ପିଟାଲରେ ୧୦ ଓ କ୍ରିଷ୍ଣା କ୍ଲିନିକରେ ୧୯୧ ଜଣଙ୍କୁ ଗତ ୧୧ ତାରିଖ ସୁଦ୍ଧା ଟିକା ପ୍ରଦାନ କରାଯାଇଛି।

**ଜିଲାରେ ବନ୍ଦ ହୋଇନି ଟିକାକରଣ**



"ଅନୁଗୋଳରେ କରୋନା ଟିକାଦାନ ପ୍ରକ୍ରିୟା ଜାରି ରହିଛି। ମିଳିଥିବା ଟିକା ଶେଷ ହୋଇ ନ ଥିବାରୁ ଏହା ଲୋକଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ତୁରନ୍ତ ଅଧିକ ଭାଏଲ ଜିଲାକୁ ଯୋଗାଇ ଦିଆ ନ ଗଲେ ୩୬ଟି ସେଣ୍ଟରରେ ଟିକାକରଣ କାର୍ଯ୍ୟ ବନ୍ଦ ହୋଇଯିବା ସମ୍ଭାବନା ରହିଛି।

-ଅଭୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ

**ପ୍ରଶାସନର ଅବହେଳା ଗ୍ରହଣୀୟ ନୁହେଁ**



"ରାଜ୍ୟର ବିଭିନ୍ନ ଜିଲାରେ ଟିକା ଅଭାବ ଦେଖାଦେଇଛି। ସେସବୁ ଜିଲାକୁ ଅଧିକ ଡୋଜ୍ ପଠାଯିବାକୁ ଦାବି ହେଉଛି। କିନ୍ତୁ ଅନୁଗୋଳ ଜିଲା ପ୍ରଶାସନ ମିଳିଥିବା ଟିକା ସାରିପାରି ନାହିଁ। ଲୋକେ ଆଗ୍ରହ ଦେଖାଉଥିବା ବେଳେ ପ୍ରଶାସନର ଅବହେଳା ଗ୍ରହଣୀୟ ନୁହେଁ।

-ମୀତାରାଣୀ ପ୍ରଧାନ, ଅନୁଗୋଳ

**ଜିଲାବାସୀ ସଙ୍କଟରେ ପଡ଼ିବା ଆଶଙ୍କା**



"ଟିକାଦାନରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିବା ଓ ଅଭାବରେ ଥିବା ଜିଲାକୁ ଅଧିକ ଟିକା ମିଳିବାର ସମ୍ଭାବନା ରହିଛି। ଅନୁଗୋଳ ଜିଲା ପ୍ରଶାସନ ଲକ୍ଷ୍ୟ ପୂରଣ କରିପାରି ନ ଥିବାରୁ ଯଦି କମ୍ ଟିକା ମିଳେ ତା'ହେଲେ ଜିଲାବାସୀ ସଙ୍କଟରେ ପଡ଼ିଯିବା ଆଶଙ୍କା ରହିଛି।

-ଅକ୍ଷୟ ମହାରଣା, ଅନୁଗୋଳ

**ଅପାରଗତା ଧରାପଡ଼ିଯାଇଛି**



"ଜିଲା ପ୍ରଶାସନ ପକ୍ଷରୁ ଟାର୍ଗେଟ ଦିଆଯାଇ ଟିକା ଅଣାଗଲା। କିନ୍ତୁ ଧିମା ଗତିରେ ଟିକାକରଣ ଯୋଗୁ ବହୁ ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି। ଟିକାଦାନ କ୍ଷେତ୍ରରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅପାରଗତା ଲୋକଙ୍କ ସମ୍ମୁଖରେ ଧରାପଡ଼ିଯାଇଛି।

-ଦେବାଶିଷ ମିଶ୍ର, ଅନୁଗୋଳ

# ଭାଜପାକୁ ସବୁବେଳେ ସମର୍ଥନ ଦେଇଆସୁଛି ବିଜେଡି: ଅଠାୱାଲେ



ଭୁବନେଶ୍ୱର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଓ ଅନ୍ୟମାନେ।

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ବିଜେଡି ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାରକୁ ପୂର୍ଣ୍ଣ ସମର୍ଥନ ଦେଇଆସୁଛି। ରାଜ୍ୟ ସଭା ଏବଂ ଲୋକ ସଭାରେ ଏନ୍‌ଡିଏ ସରକାର ଆଣୁଥିବା ବିଲ୍‌କୁ ବିଜେଡି ସବୁବେଳେ ସମର୍ଥନ କରୁଛି। ବିଜେଡି ଯଦି ଏନ୍‌ଡିଏ ସହ ଆସେ ରାଜ୍ୟକୁ ଆହୁରି ଫାଇଦା ମିଳିବ ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ କହିଛନ୍ତି। ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଠାୱାଲେ କହିଛନ୍ତି, କୃଷକମାନଙ୍କ ଆନ୍ଦୋଳନକରୁ ନେଇ ଅକାଳୀ ଦଳ ଏନ୍‌ଡିଏଠାରୁ ସମର୍ଥନ ଫେରାଇ ନେଇଛି। ସେହିପରି ପୁରୁଣା ସହଯୋଗୀ ଶିବସେନା ମଧ କଂଗ୍ରେସ ଓ ଏନ୍‌ସିପି ସହ ମିଶି ମହାରାଷ୍ଟ୍ରରେ ସରକାର କରିବା ପରେ ଏନ୍‌ଡିଏଠାରୁ ଦୂରେଇ ଯାଇସାରିଛି। ତେଣୁ ବିଜେଡି ଯଦି ଏନ୍‌ଡିଏ ସହ ମିଶିଯାଏ ଭଲ ହେବ ଏବଂ ଏହା ତାଙ୍କ ବ୍ୟକ୍ତିଗତ ମତ ବୋଲି ଅଠାୱାଲେ କହିଛନ୍ତି।

ଅଠାୱାଲେ ଆହୁରି କହିଛନ୍ତି, କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଟିକା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ସମସ୍ତ ବ୍ୟକ୍ତି ଅଧିକ ସଂଖ୍ୟାରେ ନିଜର ନିକଟସ୍ଥ ଟିକାଦାନ କେନ୍ଦ୍ରରେ କୋଭିଡ୍ ଟିକା ଗ୍ରହଣ କରିବା ଲାଗି ସେ ନିବେଦନ କରିଛନ୍ତି। ପୂର୍ବରୁ ସତର୍କତା ଓ ସମୟୋଚିତ ପଦକ୍ଷେପ କାରଣରୁ ଆମେ କରୋନା ମହାମାରୀ ବିରୋଧରେ ବିଜୟ ହାସଲ କରିପାରିଥିଲେ। ମାତ୍ର ବର୍ତ୍ତମାନ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି। କରୋନା ମହାମାରୀ ସତ୍ତ୍ୱେ ଦେଶର ବିକାଶଧାରା ଜାରି ରଖିବା ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରୁଛନ୍ତି। ଏହିଅବସରରେ ଅଠାୱାଲେ ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି, ୨୦୧୪ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ସାରା ଦେଶରେ ୪୨ କୋଟି ୨୦ ଲକ୍ଷ ୬ ହଜାର ଆକାଉଣ୍ଟ ଖୋଲାଯାଇଥିବା ବେଳେ ସେଥିରେ ବର୍ତ୍ତମାନ ୧,୪୦,୫୫୦.୮୦ କୋଟି ଟଙ୍କା ରହିଛି। ସେହିପରି ଏହି ସମୟରେ ଉକ୍ତ ଯୋଜନାରେ ଓଡ଼ିଶାରେ ୧ କୋଟି ୭୩ ଲକ୍ଷ ୧୭ ହଜାର ଆକାଉଣ୍ଟ ଖୋଲାଯାଇଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ହିସାବ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆୟୁଷ୍ମାନ ଭାରତ ମାଧ୍ୟମରେ ସାରା ଦେଶରେ ୧ କୋଟି ୭୬ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲାଭାନ୍ୱିତ ହୋଇଛନ୍ତି। ଓଡ଼ିଶା ସରକାର ମଧ ଏହି ଯୋଜନା ଲାଗୁ କରନ୍ତୁ। ଏହାଦ୍ୱାରା ବହୁ ଗରିବ ଲୋକ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ରାଜ୍ୟ କର୍ମଚାରୀଙ୍କୁ ଲାଗୁ କରିବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। ସେହିପରି ସଂରକ୍ଷଣ ନେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଦେଶର ଦଳିତ, ବଞ୍ଚିତ, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସମସ୍ତ ବର୍ଗର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ଗତ ୬ ବର୍ଷରେ ଦେଶର ବିକାଶଧାରାରେ ପ୍ରତିଫଳିତ ହେଉଛି ବୋଲି ଅଠାୱାଲେ କହିଛନ୍ତି।

# ସରକାର ପରିଚାଳନା ନ କଲେ ଆନ୍ଦୋଳନ

ତାଳଚେର,୧୨।୪(ନି.ପ୍ର.)

ତାଳଚେର ପରିବେଶ ସୁରକ୍ଷା ସମିତି ଆହ୍ୱାନରେ ଡେରାସ୍ଥିତ ସାହେବ ବଙ୍ଗଳାଠାରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ସମ୍ପର୍କରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ପକ୍ଷରୁ ତାଳଚେରରେ ମେଡିକାଲ କଲେଜ ପାଇଁ ୪୬୨ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲେ ମଧ କିଏ ପରିଚାଳନା କରିବ ସେ ନେଇ ଏଯାଏ ନିଷ୍ପତ୍ତି ହୋଇପାରୁ ନ ଥିବାରୁ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ତାଳଚେରବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନେ ଏହି ମେଡିକାଲ କଲେଜରେ ପଢ଼ିପାରୁ ନାହାନ୍ତି। ତାଳଚେରବାସୀଙ୍କ ମେଡିକାଲ କଲେଜ ସ୍ୱପ୍ନ ସାକାର ହୋଇପାରି ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି ବୋଲି ବୈଠକରେ ବକ୍ତା ମତବ୍ୟକ୍ତ କରିଥିଲେ। ଏହି ମେଡିକାଲ୍ କଲେଜକୁ ସରକାର ପରିଚାଳନା ନ କଲେ ତାଳଚେର ସୁରକ୍ଷା ସମିତି ଓ ତାଳଚେର ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୮ ତାରିଖରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମ ଚରଣ ସାମଲ ଓ ଜନ ବିକାଶ କଲ୍ୟାଣ ସଂଘ ସଭାପତି ଭୂପେନ ଥମ୍ବ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଏହି ସଭାରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, କୈଳାସ ସାହୁ, ଗୋପୀନାଥ ସାମଲ, ପରମାନନ୍ଦ ସାହୁ, ଦ୍ରୁମଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ତାଳଚେର ମେଡିକାଲ କଲେଜ ସମ୍ପର୍କିତ ବୈଠକ**



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ମୁକାବିଲା ପାଇଁ ଜୋରଦାର ପ୍ରସ୍ତୁତି

ଅନୁଗୋଳ ଅଫିସ,୧୨।୪

**ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ବୈଠକ**

ଅନୁଗୋଳ ଜିଲାରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ପ୍ରଶାସନ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଥିଲେ ମଧ ଅମାନିଆ ଲୋକମାନେ ବିନା ମାସ୍କରେ ଖୁଲମ୍‌ଖୁଲା ବୁଲୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ସୋମବାର ଏକ ବୈଠକ ଡକାଇଥିଲେ।

ଜିଲାରେ କରୋନାର ଦ୍ୱିତୀୟ ଲହରକୁ କିପରି ମୁକାବିଲା କରାଯିବ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ୫୦ଟି ବେଡ୍ କରୋନା ରୋଗୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ସେହିପରି ଷ୍ଟାଫ ନର୍ସଙ୍କ ଠାରୁ ଆରମ୍ଭ କରି ଆୟୁଷ ମେଡିକାଲ ଅଫିସର, ର୍‍ୟାପିଡ୍ ରେସପନ୍ସ ଟିମ୍ ସଜାଗ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଯେଉଁ ଆକ୍ରାନ୍ତମାନେ ଚିହ୍ନଟ ହେବେ, ସେମାନଙ୍କ ନିକଟରେ ତୁରନ୍ତ ପହଞ୍ଚି ଔଷଧ ଯୋଗାଇବା ସହ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏହି ଟିମ୍ ପଚାରି ବୁଝିବେ। ଏଥିସହ ୫ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ମଧ ମେଡିକାଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ହସ୍ପିଟାଲ କେଉଁଠି ହେବ ସ୍ଥିର ହୋଇ ନ ଥିବାବେଳେ ଶହେ ବେଡ୍ ବ୍ୟବସ୍ଥା କରିବାକୁ କୁହାଯାଇଛି। କରୋନାରେ ମୃତ୍ୟୁ ହେଲେ ଉକ୍ତ ମୃତଦେହ ଶୀତତାପ ନିୟନ୍ତ୍ରିତ ଶବାଗାରରେ ରଖିବା ଓ ସେଠାରୁ ଶ୍ମଶାନ ଯାଏ ନେବାକୁ ମହାପ୍ରୟାଣ ଗାଡ଼ି ପ୍ରସ୍ତୁତ କରି ରଖିବାକୁ ମଧ କୁହାଯାଇଛି। ଏହି ବୈଠକରେ ସିଡିଏମ୍‌ଓ ଅଭୟ କୁମାର ଦାଶଙ୍କ ସହ କୋଭିଡ୍ ନୋଡାଲ ଅଧିକାରୀ ଧନଞ୍ଜୟ ବେହେରା, ଏଡିଏମ୍‌ଓ(ମେଡିକାଲ) ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ ସହରରେ ଯାଞ୍ଚ

ଅନୁଗୋଳ ଅଫିସ, ୧୨।୪: ଅନୁଗୋଳରେ କରୋନା ସଂକ୍ରମିତ ବଢୁଥିବାରୁ ସହର ଓ ବଜାରରେ କଟକଣାକୁ କଡ଼ାକଡ଼ି କରାଯାଇଛି। ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ କରୁ ନ ଥିବା ଲୋକଙ୍କୁ ଜିଲା ପ୍ରଶାସନ, ପୌର ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କରିବା ସହ ଜରିମାନା ଆଦାୟ କରାଯାଉଛି। ସୋମବାର ସହରର ବିଭିନ୍ନ ଛକରେ ପୋଲିସ ଓ ପ୍ରଶାସନର ବହୁ ଅଧିକାରୀ ଏବଂ ପୌର କର୍ମଚାରୀଙ୍କୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା। ଯେଉଁ ବ୍ୟକ୍ତିମାନେ ମାସ୍କ ପିରିଧାନ କରୁ ନ ଥିଲେ, ସେମାନଙ୍କ ନିକଟରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ସହରର ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଛକ, ବସ୍‌ଷ୍ଟାଣ୍ଡ, ପିଟିସି ଛକ, ହରିମହୁରୀ ଛକ, ହେମସୁରପଡ଼ା ଛକ ଆଦି ସ୍ଥାନରେ ଏହି ଯାଞ୍ଚ କରାଯାଇଥିବା ଦେଖିବାକୁ ମିଳିଥିଲା।



ବସ୍‌ଷ୍ଟାଣ୍ଡଠାରେ ମାସ୍କ ଯାଞ୍ଚ କରାଯାଉଛି।

DADLS-01




**୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ**
ତା.୧୩.୦୪.୨୦୨୧

**ସକାଳ ୮ ଘଟିକା :** ସ୍ଥାନୀୟ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଅର୍ପଣ ।

**ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ**

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନିତ ଅତିଥି- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା** ମାନ୍ୟବର ବିଧାୟକ ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଡ. ଲେନିନ୍ ମହାନ୍ତି**, ସମ୍ପାଦକ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

*ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିଙ୍କୁ "ରାଜଧାନୀ ଗୌରବ" ସମ୍ମାନ ପ୍ରଦାନ ।*

*ଆୟୋଜକ :*
ସୂଚନା ଓ ଲୋକସମ୍ପର୍କ ବିଭାଗ
ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0001/2122

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ ।
ଫେସ୍‌ବୁକ୍ ପେଜ୍ @IPR_Odisha ଲାଇଭରେ ଉପଲବ୍ଧ ହେବ ।
Zoom Link : https://us02web.zoom.us/j/87105986093

## ଛାତ୍ରାବାସରୁ ଛାତ୍ର ନିଖୋଜ

କାମାକ୍ଷାନଗର,(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରୁ ସୋମବାର ଜଣେ ଦଶମ ଶ୍ରେଣୀ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅନୁଗୋଳ ଜିଲା ମରାଡିରା ଗ୍ରାମର ଦିନେଶ ପ୍ରଧାନ। ନିଖୋଜ ନେଇ ତାଙ୍କ ବାପା କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ କାମାକ୍ଷାନଗର ଥାନା ପୋଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

ଅନୁଗୋଳ

- ରାଷ୍ଟ୍ରୀୟ ନବବର୍ଷ ପାଳନ ମହୋତ୍ସବ, ସ୍ଥାନ- ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ଅନୁଗୋଳ, ସମୟ- ପୂର୍ବାହ୍ନ ୯ଟା ୩୦

## ସଂକ୍ଷେପରେ

### ଢେଙ୍କାନାଳରେ ୨ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ,୧୨।୪:** ଢେଙ୍କାନାଳ ଜିଲାରୁ ସୋମବାର କରୋନାରେ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ବ୍ୟକ୍ତିମାନେ ହେଲେ କଙ୍କଡାହାଡ ବ୍ଲକ ଅଞ୍ଚଳର। ସେମାନେ ନିଜ ଘରେ ସଙ୍ଗରୋଧରେ ରହିଛନ୍ତି। ଏହାକୁ ମିଶାଇ ସୋମବାର ସୁଦ୍ଧା ଜିଲାରେ ମୋଟ ୫୭୬୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୭୧୫ଜଣ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବଳାତ୍କାର ଅଭିଯୁକ୍ତ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୧୨।୪:** ଅନୁଗୋଳ ପୋଲିସ ବଳାତ୍କାର ଅଭିଯୁକ୍ତ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସୁବାସ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ମଧ୍ୟ ବାରମ୍ବାର ବଳାତ୍କାର କରିଥିଲେ। କିନ୍ତୁ ବିବାହ କରିବାକୁ ଯୁବତୀ ଜିଦ୍ ଧରିବାରୁ ସୁବାସ ଅନୁଗୋଳରୁ ଚମ୍ପଟ ମାରିଥିଲେ। ଯୁବତୀ ଜଣଙ୍କ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଅମାନିଆ ଗାଡ଼ି ଚାଳନା: ୨ ଗିରଫ

**କଣିହାଁ,୧୨।୪(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ପୋଲିସ ଅମାନିଆ ଗାଡ଼ି ଚଳାଇବା ଅଭିଯୋଗରେ ସୋମବାର ଦେନାଳୀ ଗ୍ରାମର ଅକ୍ଷୟ ସାହୁ ଏବଂ ତାଙ୍କ ସାଙ୍ଗ ଗଞ୍ଜାମ ଜିଲାର ରବିନାରାୟଣ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୬୩/୨୧ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି।

### ୧୮ରେ ନାଲ୍‌କୋ କୁଲାଡ଼ ଟ୍ରକ୍ ମାଲିକ ସଂଘ ନିର୍ବାଚନ

**ବଣ୍ଟଁରପାଳ,୧୨।୪(ଡି.ଏନ.ଏ.):** ଆସନ୍ତା ୧୮ ତାରିଖ ନାଲ୍‌କୋ କୁଲାଡ ଟ୍ରକ୍ ମାଲିକ ସଂଘ ନିର୍ବାଚନ ହେବ। ଏଥିପାଇଁ ୨୧ ଜଣ ସଂଘ କାର୍ଯ୍ୟାଳୟରୁ ଫର୍ମ ନେଇଛନ୍ତି। ଆସନ୍ତା ୧୩ରେ ନାମାଙ୍କନ ଓ ୧୫ରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ୧୮ ତାରିଖ କୁଲାଡ ହାଇସ୍କୁଲଠାରେ ନିର୍ବାଚନ ହେବ। ମୋଟ୍ ୨୮୦ ସଦସ୍ୟ ଏହି ସଂଘରେ ରହିଛନ୍ତି। ନିର୍ବାଚନ ହେବା ପର୍ଯ୍ୟନ୍ତ ଏକ ଅସ୍ଥାୟୀ କମିଟି ସଂଘକୁ ପରିଚାଳନା କରୁଛି। କମିଟିର ଅଧ୍ୟକ୍ଷ ଭାବେ ସ୍ୱେତବ୍ରତ ସ୍ୱାଇଁ ରହିଥିବାବେଳେ ସଦସ୍ୟ ଭାବେ ବ୍ରହ୍ମାନନ୍ଦ ଜେନା, ବସନ୍ତ ଜେନା, ଅଭୟ ସିଂ, ବିପ୍ଳବ ଜେନା ପ୍ରମୁଖ ରହିଛନ୍ତି।

### ମଣ୍ଡଳସ୍ତରୀୟ ବୈଠକ

**ବଇଣ୍ଡା,୧୨।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ତୁରୁଡା ଗ୍ରାମରେ ରବିବାର ଭଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଦିଲେଶର ପ୍ରଧାନ, ଜିଲାପରିଷଦ ସଦସ୍ୟ ବଂଶୀଧର ସେଠୀ, ଜୟନ୍ତୀ ପ୍ରଧାନ, ଡ. ଅଲେଖ ପ୍ରଧାନ, ମଣ୍ଡଳ ପ୍ରଭାରି ଅଜିତ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ତୃଣମୂଳସ୍ତରରୁ ଦଳକୁ କିଭଳି ସଙ୍ଗଠନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଶେଷରେ ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

### ବଡ଼ଭାଇ କଟୁରି ଚୋଟରେ ସାନ ଗୁରୁତର

**ଛେଣ୍ଡିପଦା,୧୨।୪(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ନଳକୂପ ଆବର୍ଜନା ପାଣି ନିଷ୍କାସନକୁ ନେଇ ବଡ ଭାଇ ଲେମ୍ବୁ ବେହେରାଙ୍କ କଟୁରି ଚୋଟରେ ସାନଭାଇ ଶମ୍ଭୁ ବେହେରା ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ଶମ୍ଭୁଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଲେମ୍ବୁ ଫେରାର ହୋଇଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସଂସ୍କୃତି ବିଭାଗକୁ ଅଣଦେଖା

ଢେଙ୍କାନାଳ ଅଫିସ,୧୨।୪
(ରତନ ନାୟର)

- ୬ବର୍ଷ ହେଲା ଗଠନ ହୋଇନି ସଂସ୍କୃତି ପରିଷଦ
- ସାଙ୍ଗଠନିକ କଳା କ୍ଷେତ୍ରରେ ଶୂନ୍ୟତା
- ହୋଇପାରୁନି ଢେଙ୍କାନାଳ ମହୋତ୍ସବ



ଢେଙ୍କାନାଳ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ।

ଐତିହ୍ୟ, କଳା, ସ୍ଥାପତ୍ୟ, ସଂସ୍କୃତି ପାଇଁ ଢେଙ୍କାନାଳ ଜିଲା ରାଜ୍ୟ ଓ ଜାତୀୟସ୍ତରରେ ବେଶ୍ ପରିଚିତ। କିନ୍ତୁ ଗତ ୬ବର୍ଷ ହେଲା ଜିଲା ସଂସ୍କୃତି ବିଭାଗକୁ ଅଣଦେଖା କରି ରଖାଯାଇଛି। ଫଳରେ ଜିଲା ସଂସ୍କୃତି ପରିଷଦ ଗଠନ ହୋଇପାରୁ ନ ଥିବାରୁ ଢେଙ୍କାନାଳ ମହୋତ୍ସବ ଭଳି ସାଂସ୍କୃତିକ ଉତ୍ସବର ଆୟୋଜନ ହୋଇପାରୁନାହିଁ। ଦେଢବର୍ଷ ହେବ କରୋନା ସଂକ୍ରମଣ ଏ କ୍ଷେତ୍ରରେ ଆଉ ଏକ ପ୍ରତିବନ୍ଧକ ସାଜିଛି।

ସଂସ୍କୃତି ପରିଷଦ ଗଠନ ନ ହେବାରୁ ଜିଲାର ସାଂସ୍କୃତିକ ବିକାଶ ପାଇଁ କେଉଁ ସୂତ୍ରରୁ କେତେ ଅର୍ଥ ଅନୁଦାନ ମିଳିଲା ଏବଂ ତାହା କିପରି ଭାବରେ ବ୍ୟୟ ହେଲା ତାହା ସାଧାରଣ ନାଗରିକଙ୍କ ପକ୍ଷେ ଜାଣିବା ମଧ୍ୟ ସମ୍ଭବପର ହେଉନାହିଁ। ସେହିପରି ପରିଷଦର କୌଣସି ବୈଠକ ଅନୁଷ୍ଠିତ ହେଉନାହିଁ। ଏହାକୁ ନେଇ ଢେଙ୍କାନାଳ ଜିଲାର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତାମାନେ ତୁରନ୍ତ ସଂସ୍କୃତି ପରିଷଦ ଗଠନ ପାଇଁ ସୋମବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଜିଲାରେ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲା ସଂସ୍କୃତି ପରିଷଦ ରହିଛି। ଜିଲା ସଂସ୍କୃତି ପରିଷଦର କାର୍ଯ୍ୟକାଳ ୩ବର୍ଷ। ପ୍ରତି ୩ ମାସରେ ଥରେ ପରିଷଦ ବୈଠକ ବସିବା କଥା। କିନ୍ତୁ ୨୦୧୬ ମସିହାରୁ ଗୋଟିଏ ବି ବୈଠକ ବସିନାହିଁ। ଜିଲାପାଳ ସଂସ୍କୃତି ପରିଷଦ ଅଧ୍ୟକ୍ଷ ଥିବାବେଳେ ଅତିରିକ୍ତ ଜିଲାପାଳ ଏହାର ଉପାଧ୍ୟକ୍ଷ। କିନ୍ତୁ ଢେଙ୍କାନାଳ ଭଳି ସଂସ୍କୃତି ସମ୍ପନ୍ନ ଜିଲାରେ ଏଥିରେ ବ୍ୟତିକ୍ରମ କେଉଁ ସ୍ୱାର୍ଥରେ ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଢେଙ୍କାନାଳ ମହୋତ୍ସବ କୋରାପୁଟ ଜିଲାର ପରବ, ନବରଙ୍ଗପୁର ଜିଲାର ମଣ୍ଡେଇ ମହୋତ୍ସବ ଭଳି ବହୁ ପୁରୁଣା। ଢେଙ୍କାନାଳ ମହୋତ୍ସବରେ ରାଜ୍ୟର ବିଭିନ୍ନ ସଂସ୍କୃତି ସମ୍ପନ୍ନ ଜିଲାର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥାନ୍ତି। କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ବରଗଡ, ସମ୍ବଲପୁର, ପୁରୀ ସମେତ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଲୋକନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥାଏ। କିନ୍ତୁ ସଂସ୍କୃତି ପରିଷଦ ଗଠନ ନ ହେବା ଯୋଗୁ ଢେଙ୍କାନାଳ ମହୋତ୍ସବ ହୋଇପାରୁ ନାହିଁ। ଜଣେ ଅଧିକାରୀ ଓ ଦୁଇଜଣ କର୍ମଚାରୀଙ୍କୁ ନେଇ ସଂସ୍କୃତି ବିଭାଗ ଚାଲିଥିବାରୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇପାରୁ ନାହିଁ। ତେଣୁ ଜିଲା ସଂସ୍କୃତି ପରିଷଦ ତୁରନ୍ତ ଗଠନ ପାଇଁ ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, କରୋନା ସ୍ଥିତି ସୁଧୁରିବା ପରେ ଜିଲା ସଂସ୍କୃତି ପରିଷଦର ପୁନର୍ଗଠନ ପାଇଁ ପଦକ୍ଷେପ ନିଆଯିବ।

#### ଅନିୟମିତତା ସହ ସମାନ



"୬ବର୍ଷ ହେଲା ସଂସ୍କୃତି ପରିଷଦ ନ ଥାଇ ସଂସ୍କୃତି ବିଭାଗରେ ଅନୁଦାନ କିଭଳି ଖର୍ଚ୍ଚ ହେଉଛି, ତାହା ଜଣାପଡୁନି। ଏହା ଅନିୟମିତତା ସହିତ ସମାନ। ଢେଙ୍କାନାଳ ମହୋତ୍ସବ ଭଳି ରାଜ୍ୟର ଏକ ପ୍ରସିଦ୍ଧ ସାଂସ୍କୃତିକ ମହୋତ୍ସବ ବନ୍ଦ ରହିଛି। ଜିଲାର ଲୋକ ପ୍ରତିନିଧି ଓ ଜିଲାପାଳ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ।

-କୃଷ୍ଣ କୁମାର ମିଶ୍ର, ସଭାପତି, ନଟରାଜ ସଙ୍ଗୀତ ମହାବିଦ୍ୟାଳୟ

#### ପୂର୍ବ ଗୌରବ ବଜାୟ ରଖାଯାଉ



"କରୋନା କଟକଣା ପାଇଁ ନୁହେଁ, ସଂସ୍କୃତି ପରିଷଦ ଗଠନ ନ ହେବା ଯୋଗୁ ଦୀର୍ଘବର୍ଷ ହେଲା ଜିଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନାହିଁ। ସଂସ୍କୃତି ପରିଷଦ ଜିଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା କଥା। ତେଣୁ ଏହାକୁ ପୁନର୍ଗଠନ କରି ଢେଙ୍କାନାଳର ପୂର୍ବ ଗୌରବକୁ ବଜାୟ ରଖାଯାଉ।

-ଶତ୍ରୁଘ୍ନ ମାଟି, ସଦସ୍ୟ, କଳା ପରିଷଦ

#### ପ୍ରତିଭାଙ୍କୁ ସମ୍ମାନ ଦିଆଯାଇପାରୁନି



"ଢେଙ୍କାନାଳ ମହୋତ୍ସବର ଗରିମା ରହିଛି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଏଥିରେ ରାଜ୍ୟସ୍ତରୀୟ କପିଳାସ ସମ୍ମାନ ପ୍ରଦାନ କରାଯାଇଥାଏ। କିନ୍ତୁ ୬ବର୍ଷ ହେବ ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦକୁ ଅଣଦେଖା କରାଯାଉଛି। ଏହାର କାରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

-ପରେଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ, ଶିଳ୍ପୀ, କବିଭୂଷଣ ସ୍ମୃତି ସଂସଦ

#### ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରୁନି



"ଜିଲା ସଂସ୍କୃତି ପରିଷଦ ଗଠନ ନ ହେବା ଦୁଃଖର ବିଷୟ। ଏହାଦ୍ୱାରା ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇପାରୁ ନାହିଁ। ତୁରନ୍ତ ଏ ନେଇ କିପରି ପଦକ୍ଷେପ ନିଆଯାଇପାରିବ ସେ ଦିଗରେ ଜିଲାପାଳ ପଦକ୍ଷେପ ନେଲେ ଢେଙ୍କାନାଳ ଜିଲାବାସୀ ଉପକୃତ ହୋଇପାରିବେ।

-କବି ମନୋରଞ୍ଜନ ନନ୍ଦ, ପୂର୍ବତନ ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ

# ମହିଳା କର୍ମଚାରୀଙ୍କୁ ହତ୍ୟା ଧମକ ନେଇ ହଟ୍ଟଗୋଳ


ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଅଭିନବ ଢଙ୍ଗରେ ଦାବି ଉପସ୍ଥାପନ କରୁଛନ୍ତି।

କାମାକ୍ଷାନଗର,୧୨।୪(ଡି.ଏନ.ଏ.)

**କଙ୍କଡ଼ାହାଡ଼ ପଞ୍ଚାୟତ ସମିତି ବୈଠକ**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ସଭାଗୃହ ପରିସରରେ ସୋମବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଖଗେଶ୍ୱର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗରିବ, ବିଧବା ମହିଳାମାନଙ୍କୁ ଭତ୍ତା ମିଳୁ ନ ଥିବା ଅଭିଯୋଗ ଉପରେ ଭତ୍ତା ଦାୟିତ୍ୱରେ ଥିବା ମହିଳା ଅଧିକାରୀ ନଳିନୀ ସିଂ ପକ୍ଷ ରଖୁଥିବାବେଳେ ବାଟଗାଁ ସରପଞ୍ଚ ରାଜେନ୍ଦ୍ର ସ୍ୱାଇଁ ଉତ୍ତ୍ୟକ୍ତ ହୋଇ ଘର ଭିତରେ ପଶି ଜିଅନ୍ତା ଜାଳି ଦେବାକୁ ଧମକ ଦେଇଥିଲେ। ଏହାକୁ ନେଇ କିଛି ସମୟ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଏହାକୁ ନିନ୍ଦା ସହ ସରପଞ୍ଚ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ସେହିପରି ମହାବିରୋଡ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ପାଇଁ ବେକରେ ଗାମୁଛା ପକାଇ ଅଭିନବ ଢଙ୍ଗରେ ଦାବି ଉପସ୍ଥାପନ କରିଥିଲେ। ପରେ ନୂତନ ଗୃହ ନିମନ୍ତେ ୧୦ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିଲା। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଦସ୍ୟା ସୁକାନ୍ତି ପ୍ରଧାନ, ଚାରୁଲତା ମିଶ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ଖଗେଶ୍ୱର ପାତ୍ର କହିଛନ୍ତି, ବଚସା ହୋଇଥିଲା, କିନ୍ତୁ ଘଟଣାର ସମାଧାନ ହୋଇଯାଇଛି।

# ଠକେଇ ଅଭିଯୋଗରେ ୩ ଗିରଫ

ତାଳଚେର,୧୨।୪(ନି.ପ୍ର.)


ଅଭିଯୁକ୍ତଙ୍କୁ ପୋଲିସ ହାଜର କରାଇଛି।

ବିଭିନ୍ନ ଲୋକଙ୍କ ନାମରେ ଫେକ୍ ଆଇଡି ଖୋଲି ଗାଡି ବିକ୍ରି ବିଜ୍ଞାପନ ଦେଇ ଠକୁଥିବା ଏକ ର୍ୟାକେଟ୍‌ର ୩ ସଦସ୍ୟଙ୍କୁ ସୋମବାର ତାଳଚେର ବିକ୍ରମପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜର କୃଷ୍ଣ ମୁଖୀ, କୃଷ୍ଣଚନ୍ଦ୍ର ବାରିକ ଓ ତାଙ୍କ ଭାଇ ଗଣେଶ ବାରିକ। ଜାନୁୟାରୀ ୧ରେ ଏକ ବିଜ୍ଞାପନ ଦେଖି ବିଜେନ୍ଦ୍ର ସିଂହ ଶେଖାୱାତ ଗାଡ଼ି କିଣିବାକୁ ଯୋଗାଯୋଗ କରି ୫୫ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ନଂ. ୨/୨୧ରେ ଏକ ମାମଲା ରୁଜୁ କରି ପୋଲିସ ସାଇବର କ୍ରାଇମ ଶାଖାର ସହଯୋଗରେ ମୟୂରଭଞ୍ଜରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଏକ ଲାପଟପ ଓ ୩ ମୋବାଇଲ ଜବତ କରାଯାଇଛି।

# ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପର୍ବତାରୋହଣ

ଢେଙ୍କାନାଳ ଅଫିସ,୧୨।୪

ଢେଙ୍କାନାଳ ଗୁରୁଦେବଜୀ ଫାଉଣ୍ଡେଶନ ପକ୍ଷରୁ ଗୁରୁଦେବଜୀ ମାର୍ଶାଲ୍ ଆର୍ଟ ଏକାଡେମୀର ଛାତ୍ରୀଛାତ୍ରଙ୍କୁ ନେଇ ଢେଙ୍କାନାଳ ବଳରାମ ମନ୍ଦିର ନିକଟସ୍ଥ ପାଣିଓହଳା ପାହାଡରେ ପର୍ବତାରୋହଣ କୌଶଳ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକାଡେମୀର ମୁଖ୍ୟ ଇଂ. ସୌମ୍ୟବ୍ରତ ସାହୁ ପାହାଡ଼ ଚଢିବା କୌଶଳ ଶିଖାଇଥିଲେ। ଏକାଡେମୀ ଓ ବିଭିନ୍ନ ସ୍କୁଲ, କଲେଜର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଆମେଚର ଟାଇକୋଣ୍ଡ ଅନୁଷ୍ଠାନର ସହପ୍ରଶିକ୍ଷକ ଇନ୍ଦ୍ରଜିତ ସାହୁ ଓ ପ୍ରତାପ ନାୟକ ପରିଚାଳନା କରିଥିବା ବେଳେ ଫିରୋଜ କୁମାର ପାତ୍ର, ମୃତ୍ୟୁଞ୍ଜୟ ରଥ, ତୁଷାର ସାମଲ, ସଚିନ ପାତ୍ର, ଅରୁଣ ସାହୁ, ପି. ଶ୍ରୀନିବାସ ରାଓ, ମୁକେଶ ଦାସ, ମୋହିନୀ ମୋନାଲିସା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



ପର୍ବତାରୋହଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# ୧୫ ଛକ ଜଗିବେ ପ୍ରଶାସନିକ ଅଧିକାରୀ, ପୋଲିସ

ଅନୁଗୋଳ ଅଫିସ, ୧୨।୪

ଅନୁଗୋଳ ସହରରେ ଥିବା ୧୫ଟି ଛକକୁ ୧୫ ଜଣ ସରକାରୀ ଅଧିକାରୀଙ୍କ ସହ ୧୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ଜଗି ରହିବେ। ଏହି ଛକ ଗୁଡ଼ିକରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ କଟକଣା କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସହରର ହୁଲୁରିସିଂହା, ହରିମହୁରୀ ଛକ, ବଜାର ଛକ, ବସ୍‌ଷ୍ଟାଣ୍ଡ, ଥାନା ଛକ, ହାଟ ଛକ, କାଲଟାକ୍ସ ଛକ, ପିଟିସି ଛକ, ଶିମିଳିପଡ଼ା ଛକ, ମେଡିକାଲ ଛକ, ବଜାର ଛକ, ଗାନ୍ଧୀମାର୍ଗ, ହେମସୁରପଡ଼ା ଛକ, ଉତ୍ତରପଡ଼ା ଛକ ଓ ରାଜା ଛକରେ ମାଜିଷ୍ଟ୍ରେଟଙ୍କ ସହ ପୋଲିସ ଅଧିକାରୀମାନେ ରହିବେ ବୋଲି ପ୍ରଶାସନ ପକ୍ଷରୁ ଚିଠି ନଂ. ୨୫୭୯/୧୨।୪।୨୧ରେ ଉଲ୍ଲେଖ କରାଯାଇଛି।

# କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତି ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ,୧୨।୪


ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କରୋନା ସମୀକ୍ଷା ବୈଠକ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ଠାରେ ସୋମବାର ଜିଲାର କରୋନା ସ୍ଥିତି ସମ୍ପର୍କରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମୀକ୍ଷା କରିଛନ୍ତି। ରାଜ୍ୟ ବାହାରୁ କୌଣସି ବ୍ୟକ୍ତି ଜିଲାକୁ ଆସୁଥିଲେ ସେମାନଙ୍କୁ ଅଙ୍ଗନୱାଡି ଓ ଆଶାକର୍ମୀ, ପଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିନିଧି, ୱାର୍ଡମେମ୍ବର, ସ୍ଥାନୀୟ ଶିକ୍ଷକ ଓ ସରପଞ୍ଚଙ୍କ ଦ୍ୱାରା ଚିହ୍ନଟ କରି ୭ଦିନ ହୋମ୍ କ୍ୱାରାଣ୍ଟାଇନରେ ରଖାଯିବା ସହିତ ଆରଟିପିସିଆର ଟେଷ୍ଟ କରାଯିବ। ପଜିଟିଭ୍ ଚିହ୍ନଟ ହେଲେ ସେମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ଜିଲାପାଳ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତ ରଖିବା ସହ ପ୍ରତି ବ୍ଲକରେ କ୍ଲଷ୍ଟର ଟେମ୍ପରାରି ମେଡିକାଲ ସେଣ୍ଟର(ଟିଏମ୍‌ସି) ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଁ କଲ୍ୟାଣ ସମିତି ଦ୍ୱାରା ମାସ୍କ, ସାମାଜିକ ଦୂରତ୍ୱ ଓ ଟିକାକରଣ ଦିଗରେ ଲୋକଙ୍କୁ ସଚେତନ କରାଇବାକୁ ଜିଲାପାଳ କହିଥିଲେ। ହାଟ, ବଜାର ଆଦିରେ କଟକଣା କଡାକଡି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ପୂଜା ପାର୍ବଣ କେବଳ ରୀତିନୀତି କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନ ସମାଗମ ହୋଇପାରିବ ନାହିଁ। ଏଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ଓ ସିଡିପିଓମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ସଦର ବ୍ଲକ ଶିକ୍ଷା ଅଧିକାରୀ ମୌସୁମୀ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ବିଭାଗରେ ଅଦଳବଦଳ

ଢେଙ୍କାନାଳ ଅଫିସ,୧୨।୪

ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନରେ ସୋମବାର ଅଦଳବଦଳ ହୋଇଛି। ମୁଖ୍ୟ କାର୍ଯ୍ୟାଳୟରେ ଥିବା ଇନ୍ସପେକ୍ଟର ପ୍ରଶାନ୍ତ କୁମାର ପାତ୍ରଙ୍କୁ ଭୁବନ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଭୁବନ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ସାହୁଙ୍କୁ ନିହାଲପ୍ରସାଦ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଗଁଦିଆ ଥାନା ଅଧିକାରୀ ନିର୍ମଳା ଗୋଛାୟତଙ୍କୁ କଙ୍କଡାହାଡ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ଇନ୍ସପେକ୍ଟର ବାରିକଙ୍କୁ ଗଁଦିଆ ଥାନା ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ଇନ୍ସପେକ୍ଟର ଅମ୍ରିତା ନନ୍ଦିନୀ ମହାନ୍ତିଙ୍କୁ ବିଦ୍ୟୁତ୍ ଥାନା ଅଧିକାରୀ ଦାୟିତ୍ୱ ଦିଆଯାଇଛି। ସେହିପରି କଙ୍କଡାହାଡ ଥାନା ଏସ୍‌ଆଇ ଆଶିଷ କୁମାର ଜେନାଙ୍କୁ ତୁମୁସିଙ୍ଗା ଥାନା ଅଧିକାରୀ, ତୁମୁସିଙ୍ଗା ଥାନା ଏସ୍‌ଆଇ ସୁଜିତ କୁମାର ସାହୁଙ୍କୁ ଦଦରାଘାଟି ଆଉଟପୋଷ୍ଟ ଭାରପ୍ରାପ୍ତ ଅଧିକାରୀ, ସଦର ଥାନା ଏସ୍‌ଆଇ ବିକ୍ରମ ବେହେରାଙ୍କୁ ହିନ୍ଦୋଳ ଥାନା, ଗଁଦିଆ ଥାନା ଏସ୍‌ଆଇ ସରୋଜ ସେଠୀଙ୍କୁ ଟାଉନ ଥାନାକୁ ବଦଳି କରାଯାଇଛି। ଟାଉନଥାନା ଏସ୍‌ଆଇ ଅଭୟ ପ୍ରଧାନଙ୍କୁ ଗଁଦିଆ ଥାନା, ଭାପୁର ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡେଇଙ୍କୁ ତରଭା ବିଟ୍ ହାଉସ ଭାରପ୍ରାପ୍ତ ଅଧିକାରୀ, ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଭୂତିଆଙ୍କୁ ଭାପୁର ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ, ସଦର ଥାନା ଏସ୍‌ଆଇ ବବିତା ଦେହୁରୀଙ୍କୁ ଗୋବିନ୍ଦପୁର ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ, କଣ୍ଟାବଣିଆ ଥାନା ଏସ୍‌ଆଇ ପ୍ରଦୀପ କୁମାର ନାୟକଙ୍କୁ ମୋଟଙ୍ଗା ଥାନା, ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ଏସ୍‌ଆଇ ସୁସ୍ମିତା ଦେବତାଙ୍କୁ ଏଚଆରପିସି ବିଭାଗକୁ ବଦଳି କରାଯାଇଛି। ସଦର କୋର୍ଟର ଏସ୍‌ଆଇ ବରେନ୍ଦ୍ର ମୋହନ ପଟ୍ଟନାୟକଙ୍କୁ ହିନ୍ଦୋଳ କୋର୍ଟ ଓ ଦଦରାଘାଟି ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ସମରଜିତ ନାୟକଙ୍କୁ ସଦର କୋର୍ଟକୁ ବଦଳି କରାଯାଇଛି। ରାସୋଳ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ଶତପଥୀଙ୍କୁ ଭୁବନ ଥାନା, ଭୁବନ ଏଏସ୍‌ଆଇ ନୀଳକଣ୍ଠ ପାତ୍ରଙ୍କୁ କଣ୍ଟାବଣିଆ ଥାନା, ଭୁବନ ଏଏସ୍‌ଆଇ ରମେଶଚନ୍ଦ୍ର ସ୍ୱାଇଁଙ୍କୁ ରାସୋଳ ଥାନା, ପରଜଙ୍ଗ କୋର୍ଟ ଏଏସ୍‌ଆଇ ରୁଦ୍ର ନାରାୟଣ ଦାସଙ୍କୁ ସଦର କୋର୍ଟ, ହିନ୍ଦୋଳ କୋର୍ଟ ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ହୋତାଙ୍କୁ ପରଜଙ୍ଗ କୋର୍ଟକୁ ଏସ୍‌ପି କେ ଶିବା ସୁବ୍ରମଣି ବଦଳି କରିଛନ୍ତି।

# ମାସ୍କ ଚେକିଂ ଆଳରେ ଗୁଣ୍ଡାଗିରି ଅଭିଯୋଗ

ଢେଙ୍କାନାଳ ଅଫିସ,୧୨।୪

- ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା ଜିଲା ଓକିଲ ସଂଘ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଢେଙ୍କାନାଳ ବନ୍ଦ ଚେତାବନୀ

ଢେଙ୍କାନାଳରେ ମାସ୍କ ଚେକିଂ ଆଳରେ ପୋଲିସ ଗୁଣ୍ଡାଗିରି ଚଳାଇଥିବା ଜିଲା ଓକିଲ ସଂଘ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବହୁ ସଂଖ୍ୟାରେ ଆଇନଜୀବୀ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ତୀବ୍ର ପ୍ରତିବାଦ କରିଥିଲେ।

ପ୍ରକାଶ ଯେ, ଶନିବାର ଜଣେ କୋର୍ଟ କର୍ମଚାରୀଙ୍କୁ ମାସ୍କ ଚେକିଂ ଆଳରେ ପୋଲିସ ଧକ୍କା ମାରିବା ସହ ମୋବାଇଲ ଛଡାଇ ନେଇଥିଲେ। ଏହି ଖବର ପାଇବା ପରେ ଜିଲା ଓକିଲ ସଂଘ ସଭାପତି ଏସ୍‌ପି ଓ ଏସ୍‌ଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାକୁ ନେଇ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ସୋମବାର ଏକ ଜରୁରୀ ବୈଠକ ଡକାଇଥିଲା। ବୈଠକର ଆଲୋଚନା ପରେ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଘ ସଦସ୍ୟ ଏବଂ ଆଇନଜୀବୀମାନେ ଶୋଭାଯାତ୍ରାରେ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦୁଇଦିନ ମଧ୍ୟରେ ସମ୍ପୃକ୍ତ ପୋଲିସ ଏସ୍‌ଆଇଙ୍କୁ ନିଲମ୍ବନ କରା ନ ଗଲେ ଏବଂ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରା ନ ଗଲେ ଢେଙ୍କାନାଳ ବନ୍ଦ ଡାକରା ଦିଆଯିବ ବୋଲି ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସଭାପତି ମିଶ୍ର କହିଛନ୍ତି, ମାସ୍କ ଯାଞ୍ଚ ଆଳରେ ସାଧାରଣ ଲୋକମାନଙ୍କ ପ୍ରତି ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଜନସାଧାରଣଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରୁଥିବା ଅଧିକାରୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଉ। ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏସ୍‌ପି କେ.ଶିବା ସୁବ୍ରମଣି କହିଛନ୍ତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ମାସ୍କ ଚେକିଂ ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ମାସ୍କ ଯାଞ୍ଚ ସମୟରେ କୋର୍ଟର ଜଣେ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ।

